ଆନନ୍ଦ ଚନ୍ଦ୍ର ଦାଶ

ବନାମ

ଓଡ଼ିଶା ରାଜ୍ୟ ଏବଂ ଅନ୍ୟମାନେ ।

ଜାନୁୟାରୀ 13, 1998 ।

[ଏସ୍. ସାଗିର ଅହମ୍ମଦ ଏବଂ ଜି. ବି. ପଟ୍ଟନାୟକ, ନ୍ୟାୟମୂର୍ତ୍ତିଦ୍ୱୟ]

*ସେବା ଆଇନ:*

*ବରିଷ୍ଠତା - ଅନ୍ୟ ବିଭାଗରେ ପ୍ରଦାନ କରାଯାଉଥିବା ସେବାର ନିର୍ଦ୍ଧାରଣ - ବରିଷ୍ଠତା ନିର୍ଦ୍ଧାରଣ ପାଇଁ ଗଣନା - ରାଜସ୍ୱ ଏବଂ ଅବକାରୀ ବିଭାଗରେ ବରିଷ୍ଠ ସମୀକ୍ଷକ ଭାବରେ କାର୍ଯ୍ୟ କରୁଥିବା ସମୟରେ କର୍ମଚାରୀଙ୍କୁ ତାଙ୍କର ଅନିଚ୍ଛା ସତ୍ତ୍ୱେ ଶ୍ରମ ବିଭାଗକୁ ସ୍ଥାନାନ୍ତର କରାଯାଇଥିଲା - ଶ୍ରମ ବିଭାଗ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ସର୍ତ୍ତରେ ସେ କଦାପି ରାଜି ହୋଇନଥିଲେ ଯେ ତାଙ୍କ ବରିଷ୍ଠତା ସେହି ବିଭାଗରେ ଯୋଗଦେବା ତାରିଖଠାରୁ ନିର୍ଦ୍ଧାରଣ କରାଯିବ - ମୂଳ ବିଭାଗକୁ ଫେରାଇ ଆଣିବା ପାଇଁ ତାଙ୍କର ଅନୁରୋଧ ମଞ୍ଜୁର ହୋଇନାହିଁ -- କୁହାଗଲା: ରାଜସ୍ୱ ଏବଂ ଅବକାରୀ ବିଭାଗରେ ବରିଷ୍ଠ ସମୀକ୍ଷକ ଭାବରେ ଯୋଗଦେବା ଦିନଠାରୁ କର୍ମଚାରୀ ଶ୍ରମ ବିଭାଗରେ ବରିଷ୍ଠତା ପାଇବାକୁ ଯୋଗ୍ୟ - ତାଙ୍କର ପଦୋନ୍ନତି ମଧ୍ୟ ଭାବନାତ୍ମକ ଆଧାରରେ ଦେବାକୁ ଏବଂ ଅବସରକାଳୀନ ଉପଲବ୍ଧିର ପୁନଃ ହିସାବ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।*

**ଆବେଦନକାରୀ, ରାଜସ୍ୱ ଏବଂ ଅବକାରୀ ବିଭାଗରେ ବରିଷ୍ଠ ସମୀକ୍ଷକ ଭାବରେ କାର୍ଯ୍ୟ କରୁଥିବାବେଳେ ଭାରମୁକ୍ତ କରାଗଲେ ଏବଂ ତାଙ୍କ ଅନିଚ୍ଛା ସତ୍ତ୍ୱେ ଶ୍ରମ ବିଭାଗରେ ବରିଷ୍ଠ ସମୀକ୍ଷକ ଭାବରେ ଯୋଗଦେବାକୁ ବାଧ୍ୟ ହୋଇଥିଲେ । ଆବେଦନକାରୀ କେବେ ବି ଶ୍ରମ ବିଭାଗ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ସର୍ତ୍ତରେ ରାଜି ହୋଇନଥିଲେ ଯେ ତାଙ୍କ ବରିଷ୍ଠତା ଶ୍ରମ ବିଭାଗରେ ତାଙ୍କ ଯୋଗଦେବା ତାରିଖ ଆଧାରରେ ନିର୍ଦ୍ଧାରଣ କରାଯିବ । ତାଙ୍କ ମୂଳ ବିଭାଗକୁ ଫେରାଇ ଆଣିବା ପାଇଁ ଆବେଦନକାରୀଙ୍କ ଅନୁରୋଧକୁ ମଞ୍ଜୁର କରାଯାଇନଥିଲା । ଶ୍ରମ ବିଭାଗ ଦ୍ୱାରା ପ୍ରସ୍ତୁତ ହୋଇଥିବା ବରିଷ୍ଠତା ତାଲିକାରେ ଆବେଦନକାରୀଙ୍କୁ ଉତ୍ତରଦାତାମାନଙ୍କଠାରୁ କନିଷ୍ଠ ବୋଲି ଦର୍ଶାଯାଇଥିଲା । ରାଜ୍ୟ ପ୍ରଶାସନିକ ନ୍ୟାୟାଧିକରଣ ଆବେଦନକାରୀଙ୍କ ଦ୍ୱାରା ଦାଖଲ ହୋଇଥିବା ଆବେଦନକୁ ଖାରଜ କରିଦେଇଛନ୍ତି । ତେଣୁକରି ଏହି ଆବେଦନଟି ।**

**ଆବେଦନକୁ ଅନୁମତି ଦେଇ, ଏହି ନ୍ୟାୟାଳୟ**

**କହିଲେ: 1. ଏଥିରେ କୌଣସି ସନ୍ଦେହ ନାହିଁ ଯେ ଶ୍ରମ ବିଭାଗ ସୂଚିତ କରିଥିଲା ଯେ ଆବେଦନକାରୀଙ୍କ ବରିଷ୍ଠତା ଶ୍ରମ ବିଭାଗରେ ତାଙ୍କ ଯୋଗଦେବା ତାରିଖ ଆଧାରରେ ନିର୍ଦ୍ଧାରଣ କରାଯିବ, କିନ୍ତୁ ଆବେଦନକାରୀ କୌଣସି ସମୟରେ ଉକ୍ତ ସର୍ତ୍ତରେ ରାଜି ହୋଇନଥିଲେ ଏବଂ, ଅନ୍ୟ ପକ୍ଷରେ, ଶ୍ରମ ବିଭାଗକୁ ଆସିବାକୁ ତାଙ୍କର ଅନିଚ୍ଛା ସ୍ପଷ୍ଟ ଭାବରେ ପ୍ରକାଶ କରିଥିଲେ ଏବଂ ଏହାର ବିଚାର ନ କରି ରାଜସ୍ୱ ଏବଂ ଅବକାରୀ ବିଭାଗ ତାଙ୍କୁ ଶ୍ରମ ବିଭାଗରେ ଯୋଗଦେବାକୁ ଭାରମୁକ୍ତ କରିଥିଲେ । ତେଣୁ ଶ୍ରମ ବିଭାଗର ବରିଷ୍ଠ ସମୀକ୍ଷକ ସଂବର୍ଗରେ ତାଙ୍କର ବରିଷ୍ଠତା ନିର୍ଦ୍ଧାରଣ କରିବା ପାଇଁ ରାଜସ୍ୱ ଏବଂ ଅବକାରୀ ବିଭାଗର ଜଣେ ବରିଷ୍ଠ ସମୀକ୍ଷକ ଭାବେ ଆବେଦନକାରୀଙ୍କ ସେବାକୁ ଧ୍ୟାନରେ ରଖାଯିବ ।[84-C-F]**

**2. ଯଦି ଆବେଦନକାରୀ ଯୋଗ୍ୟ ବୋଲି ଜଣାପଡ଼ନ୍ତି, ତେବେ ତାଙ୍କୁ ଭାବନାତ୍ମକ ପଦୋନ୍ନତି ଦିଆଯାଇପାରେ ଏବଂ ସେହି ଆଧାରରେ ତାଙ୍କର ଅବସରକାଳୀନ ସୁବିଧାର ପୁନଃ ହିସାବ କରାଯାଇପାରେ । [84-G]**

ଦେୱାନୀ ଅପିଲ ଅଧିକାରିତା : ଦେୱାନୀ ଆବେଦନ ସଂଖ୍ୟା 3022 / 1990 ।

ସ୍ଥାନାନ୍ତରଣ ଆବେଦନ ସଂଖ୍ୟା 116 / 1986 ରେ ପ୍ରଦତ୍ତ ଓଡ଼ିଶା ପ୍ରଶାସନିକ ନ୍ୟାୟାଧିକରଣଙ୍କର ତା 21.7.1987 ରିଖ ରାୟ ତଥା ଆଦେଶରୁ

ଆବେଦନକାରୀଙ୍କ ପକ୍ଷରୁ ଦେବାଶୀଷ ମହାନ୍ତି ଏବଂ ଜନରଞ୍ଜନ ଦାସ ।

ଉତ୍ତରଦାତାମାନଙ୍କ ପକ୍ଷରୁ ସି. ଏସ୍. ଶ୍ରୀନିବାସ ରାଓ ।

ନ୍ୟାୟାଳୟର ରାୟ ପ୍ରଦାନ କରିଥିଲେ,

**ଜି. ବି. ପଟ୍ଟନାୟକ, ନ୍ୟାୟମୂର୍ତ୍ତି** । ଆବେଦନକାରୀଙ୍କ ସ୍ଥାନାନ୍ତରଣ ଆବେଦନ ସଂଖ୍ୟା 166 / 1986 କୁ ଖାରଜ କରି ଓଡ଼ିଶା ପ୍ରଶାସନିକ ନ୍ୟାୟାଧିକରଣ ଦ୍ୱାରା ପାରିତ ତା 21 ଜୁଲାଇ 1987 ରିଖର ଆଦେଶ ବିରୁଦ୍ଧରେ ଏହି ଆବେଦନରେ ଆପତ୍ତି କରାଯାଇଛି । ଆବେଦନକାରୀଙ୍କୁ ପ୍ରଥମେ 1956 ମସିହାରେ ଆଦିବାସୀ ଏବଂ ଗ୍ରାମୀଣ କଲ୍ୟାଣ ବିଭାଗରେ ସେବକ ଭାବେ ନିଯୁକ୍ତ କରାଯାଇଥିଲା ଏବଂ ପରେ ତାଙ୍କୁ ଜିଲ୍ଲା କଲ୍ୟାଣ କାର୍ଯ୍ୟାଳୟ, ଫୁଲବାଣୀରେ ଏଲ୍. ଡି. କିରାଣୀ ଭାବେ ନିଯୁକ୍ତ କରାଯାଇଥିଲା । ଏଲ୍. ଡି. କିରାଣୀ ପଦରୁ ସେ 1961 ମସିହା ଏପ୍ରିଲ ମାସରେ ଉପର ପ୍ରଭାଗ କିରାଣୀ ପଦକୁ ପଦୋନ୍ନତି ପାଇଥିଲେ ଏବଂ 1969 ମସିହା ଏପ୍ରିଲ ମାସରେ ସେହି ପଦରେ ନିଶ୍ଚିତ ହୋଇଥିଲେ । ଉପର ପ୍ରଭାଗ କିରାଣୀ ଭାବେ ନିଶ୍ଚିତ ହେବା ପୂର୍ବରୁ ଫୁଲବାଣୀ ଜିଲ୍ଲାପାଳଙ୍କ ସୁପାରିଶ କ୍ରମେ ଏବଂ ମନୋନୀତ ହେବାପରେ ତାଙ୍କୁ କଟକ ରାଜସ୍ୱ ବୋର୍ଡର ବରିଷ୍ଠ ସମୀକ୍ଷକ ପଦକୁ ପଦୋନ୍ନତି ଦିଆଯାଇଥିଲା । ପରେ ତାଙ୍କର ସେବା ରାଜସ୍ୱ ଏବଂ ଅବକାରୀ ବିଭାଗ, ଭୁବନେଶ୍ୱରକୁ ଜଣେ ବରିଷ୍ଠ ସମୀକ୍ଷକ ଭାବରେ ସ୍ଥାନାନ୍ତର କରାଯାଇଥିଲା ଯେଉଁଠାରେ ସେ 1.8.1967 ରୁ କାର୍ଯ୍ୟ ଜାରି ରଖିଥିଲେ । 1970 ମସିହାରେ ଶ୍ରମ ଏବଂ ନିଯୁକ୍ତି ଏବଂ ଆବାସ ବିଭାଗ ଶ୍ରମ ବିଭାଗରେ ବରିଷ୍ଠ ସମୀକ୍ଷକ ପଦ ପୂରଣ କରିବା ପାଇଁ ନାମ ପଠାଇବା ପାଇଁ ସମସ୍ତ ସରକାରୀ ବିଭାଗକୁ ଏକ ଅଧିଯାଚନା ଜାରି କରିଥିଲା । ରାଜସ୍ୱ ବିଭାଗ ଦ୍ୱାରା ଅନ୍ୟମାନଙ୍କ ସମେତ ଆବେଦନକାରୀଙ୍କ ନାମ ମଧ୍ୟ ପଠାଯାଇଥିଲା । ଆବେଦନକାରୀଙ୍କୁ ଶ୍ରମ ବିଭାଗରେ ଅନ୍ତର୍ଭୁକ୍ତ ହେବା ପାଇଁ ଚୟନ କରାଯାଇଥିଲା ଏବଂ ତାଙ୍କୁ ରାଜସ୍ୱ ଏବଂ ଅବକାରୀ ବିଭାଗ ଦ୍ୱାରା ତା 31.10.1970 ରିଖ ଚିଠି ଦ୍ୱାରା ତାଙ୍କର ଇଚ୍ଛା ଜଣେଇବାକୁ କୁହାଯାଇଥିଲା । ଆବେଦନକାରୀ ନୂତନ ବିଭାଗରେ ଯୋଗଦେବାକୁ ଅନିଚ୍ଛା ପ୍ରକାଶ କରିଥିଲେ କିନ୍ତୁ ଏହା ସତ୍ତ୍ୱେ ନିଯୁକ୍ତିଦାତା ରାଜସ୍ୱ ବିଭାଗ ତାଙ୍କୁ ତା 7.11.1970 ରିଖର ଆଦେଶ ଦ୍ୱାରା ଭାରମୁକ୍ତ କରିଥିଲା ଏବଂ ଆବେଦନକାରୀ ଶ୍ରମ, ନିଯୁକ୍ତି ଏବଂ ଆବାସ ବିଭାଗରେ ଯୋଗଦେବାକୁ ବାଧ୍ୟ ହୋଇଥିଲେ । କିନ୍ତୁ ଶ୍ରମ ବିଭାଗ ଜୋର ଦେଇ କହିଥିଲା ଯେ ଆବେଦନକାରୀ ଶ୍ରମ ବିଭାଗରେ ନିଜର ବରିଷ୍ଠତା ଦାବି କରିପାରିବେ ନାହିଁ । ଏହାପରେ ଆବେଦନକାରୀ ଓଡ଼ିଶା ରାଜସ୍ୱ ବୋର୍ଡ, କଟକରେ ନିଯୁକ୍ତ ହେବା ଦିନଠାରୁ ଜଣେ ବରିଷ୍ଠ ସମୀକ୍ଷକ ଭାବରେ ତାଙ୍କ ସେବାକୁ ଧ୍ୟାନରେ ରଖିବାକୁ ଶ୍ରମ ବିଭାଗକୁ ଏକ ନିବେଦନପତ୍ର ଦାଖଲ କରିଥିଲେ । କିନ୍ତୁ ଶ୍ରମ ବିଭାଗ ତାଙ୍କ ଅନୁରୋଧକୁ ଗ୍ରହଣ କରିନଥିଲା କିମ୍ବା ତାଙ୍କୁ କୌଣସି

ପ୍ରତ୍ୟାଖ୍ୟାନ ମଧ୍ୟ ଜଣାଇନଥିଲା । ଯେତେବେଳେ ଶ୍ରମ, ନିଯୁକ୍ତି ଏବଂ ଆବାସ ବିଭାଗ ଦ୍ୱାରା ଆପତ୍ତି ଆମନ୍ତ୍ରଣ କରି ବରିଷ୍ଠ ସମୀକ୍ଷକଙ୍କ ଅସ୍ଥାୟୀ ବରିଷ୍ଠତା ଅନୁକ୍ରମ ତାଲିକା ପ୍ରସ୍ତୁତ କରାଯାଇଥିଲା, ଆବେଦନକାରୀ ତାଙ୍କ ଆପତ୍ତି ଦାଖଲ କରିଥିଲେ କାରଣ ତାଙ୍କ ଅତୀତ ସେବାକୁ ଧ୍ୟାନରେ ରଖାଯାଇନଥିଲା । କିନ୍ତୁ ତାଙ୍କ ଆପତ୍ତିର ସମାଧାନ ପୂର୍ବରୁ ଶ୍ରମ ବିଭାଗ ଅଡିଟ୍ ଶାଖାକୁ କର୍ମଚାରୀ ରାଜ୍ୟ ବୀମା ଯୋଜନା ନିର୍ଦ୍ଦେଶାଳୟର ପ୍ରତ୍ୟକ୍ଷ ନିୟନ୍ତ୍ରଣକୁ ହସ୍ତାନ୍ତର କରିବାକୁ ନିଷ୍ପତ୍ତି ନେଇଥିଲା । ମାର୍ଚ୍ଚ 25, 1977 ରେ ଶ୍ରମ ବିଭାଗ ଦ୍ୱାରା ଚୂଡ଼ାନ୍ତ ବରିଷ୍ଠତା ଅନୁକ୍ରମ ତାଲିକା ପ୍ରକାଶିତ ହୋଇଥିଲା ଏବଂ ଆବେଦନକାରୀଙ୍କୁ ଉତ୍ତରଦାତାମାନଙ୍କ ଅପେକ୍ଷା କନିଷ୍ଠ ଦର୍ଶାଯାଇଥିଲା । ଏହାପରେ ଆବେଦନକାରୀ ଶ୍ରମ ବିଭାଗର ବରିଷ୍ଠ ଅଡିଟରଙ୍କ ବରିଷ୍ଠତା ଅନୁକ୍ରମ ତାଲିକାରେ ଦର୍ଶାଯାଇଥିବା ପରି ତାଙ୍କ ବରିଷ୍ଠତାକୁ ଆପତ୍ତି କରି ଏକ ନିବେଦନପତ୍ର ଦାଖଲ କରିଥିଲେ ଏବଂ ଏହାର କିଛିସମୟ ପରେ ତାଙ୍କୁ କର୍ମଚାରୀ ରାଜ୍ୟ ବୀମା ଯୋଜନା ନିର୍ଦ୍ଦେଶାଳୟକୁ ସ୍ଥାନାନ୍ତର କରାଯାଇଥିଲା । ଏହାପରେ ଆବେଦନକାରୀ ତାଙ୍କର ସ୍ଥାନାନ୍ତରଣକୁ ଆପତ୍ତି କରି ତାଙ୍କ ବରିଷ୍ଠତା ତଥା ଇ. ଏସ୍. ଆଇ. ଯୋଜନାକୁ ଏକ ନିବେଦନପତ୍ର ଦାଖଲ କରିଥିଲେ କିନ୍ତୁ ଏହି ପ୍ରୟାସରେ ବିଫଳ ହେବାରୁ ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ଏକ ରିଟ୍ ଆବେଦନ ଦାୟର କରିଥିଲେ ଏବଂ ସେହି ରିଟ୍ ଆବେଦନକୁ ପ୍ରଶାସନିକ ନ୍ୟାୟାଧିକରଣକୁ ସ୍ଥାନାନ୍ତର କରାଯାଇଥିଲା ଏବଂ ଶେଷରେ ତା 21.7.1987 ରିଖର ଆଦେଶ ଦ୍ୱାରା ଏହାର ସମାଧାନ କରାଯାଇଥିଲା । ନ୍ୟାୟାଧିକରଣ ଆକ୍ଷେପିତ ଆଦେଶ ଦ୍ୱାରା ତା 26.4.1977 ରିଖର ଆଦେଶକୁ ରଦ୍ଦ କରି ଆବେଦନକାରୀଙ୍କୁ ଇ. ଏସ୍. ଆଇ. ନିର୍ଦ୍ଦେଶାଳୟକୁ ସ୍ଥାନାନ୍ତର କରିଥିଲେ ଏବଂ ଅତିରିକ୍ତ ନିର୍ଦ୍ଦେଶ ଦେଇଥିଲେ ଯେ ତାଙ୍କୁ ଶ୍ରମ ବିଭାଗର ବରିଷ୍ଠ ସମୀକ୍ଷକ ଭାବରେ ବିବେଚନା କରାଯିବ, କିନ୍ତୁ ଶ୍ରମ ବିଭାଗରେ ବରିଷ୍ଠ ସମୀକ୍ଷକ ଭାବେ ତାଙ୍କର ବରିଷ୍ଠତାର ଦାବିକୁ ମଞ୍ଜୁର କରାଯାଇନଥିଲା । ଅନ୍ୟ ଶବ୍ଦରେ କହିଲେ, ରାଜସ୍ୱ ବିଭାଗ ଅଧୀନରେ ଜଣେ ବରିଷ୍ଠ ସମୀକ୍ଷକ ଭାବେ ତାଙ୍କର ପୂର୍ବ ସେବାକୁ ଶ୍ରମ ବିଭାଗ ଅଧୀନରେ ବରିଷ୍ଠ ସମୀକ୍ଷକ ସଂବର୍ଗରେ ତାଙ୍କର ବରିଷ୍ଠତା ଉଦ୍ଦେଶ୍ୟରେ ବିଚାରକୁ ନିଆଯାଇନଥିଲା । ରାଜସ୍ୱ ବିଭାଗ ଅଧୀନରେ ଆବେଦନକାରୀଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ସେବାକୁ ଧ୍ୟାନରେ ରଖି ଶ୍ରମ ବିଭାଗରେ ଆବେଦନକାରୀଙ୍କ ଦ୍ୱାରା ଦାବି କରାଯାଇଥିବା ବରିଷ୍ଠତାର ଉପଶମ ପ୍ରତ୍ୟାଖ୍ୟାନ କରିବାରେ ନ୍ୟାୟାଧିକରଣ ଆବେଦନକାରୀଙ୍କ ଶ୍ରମ ବିଭାଗରେ ଯୋଗଦେବା ତଥ୍ୟ ଉପରେ ନିର୍ଭର କରିଥିଲା ଏବଂ ଏହି ଉପସଂହାର ପହଞ୍ଚିଲେ ଯେ ବରିଷ୍ଠ ସମୀକ୍ଷକ ସଂବର୍ଗରେ ଶ୍ରମ ବିଭାଗରେ ଜଣେ ବରିଷ୍ଠ ସମୀକ୍ଷକ ଭାବରେ ତାଙ୍କର ବରିଷ୍ଠତାକୁ ତାଙ୍କର ସେବା ଗ୍ରହଣ କରିବା ଦିନଠାରୁ ତଥା ତାଙ୍କ ଅତୀତ ସେବାକୁ ଧ୍ୟାନରେ ନ ରଖି ନିର୍ଦ୍ଧାରଣ କରାଯିବ ବୋଲି ସର୍ତ୍ତ ଜାଣିବା ପରେ ମଧ୍ୟ ସେ ସ୍ୱେଚ୍ଛାକୃତ ଭାବେ ଶ୍ରମ ବିଭାଗରେ ଯୋଗ ଦେଇଥିଲେ ।

ଆବେଦନକାରୀଙ୍କ ତରଫରୁ ଉପସ୍ଥିତ ଓକିଲ ଶ୍ରୀ ଦାସ ନ୍ୟାୟାଧିକରଣର ଉପସଂହାରକୁ ଏହି ଆଧାରରେ ଆପତ୍ତି କରିଥିଲେ ଯେ ଆବେଦନକାରୀ କେବେବି ସ୍ୱଇଚ୍ଛାରେ ଶ୍ରମ ବିଭାଗରେ ଯୋଗ ଦେଇନାହାଁନ୍ତି, ବରଂ ଅନ୍ୟ ପକ୍ଷରେ, ତା 6.11.1970 ରିଖ ପତ୍ର ଦ୍ୱାରା ତାଙ୍କର ଅନିଚ୍ଛା ସତ୍ତ୍ୱେ ତାଙ୍କୁ ଶ୍ରମ ବିଭାଗରେ ଯୋଗଦେବାକୁ ଲୋଡ଼ାଯାଇଥିଲା । ରାଜସ୍ୱ ଏବଂ ଅବକାରୀ ବିଭାଗ ଦ୍ୱାରା ତାଙ୍କୁ 7.11.1970 ରେ ଭାରମୁକ୍ତ କରାଯାଇଥିଲା । ଶ୍ରୀମାନ ଓକିଲ ଶ୍ରୀ ଦାସ ଆହୁରି ମଧ୍ୟ ଯୁକ୍ତି ବାଢ଼ିଥିଲେ ଯେ ଆବେଦନକାରୀ ସର୍ବଦା ଅନୁରୋଧ କରିଆସୁଛନ୍ତି ଯେ ତାଙ୍କୁ ତାଙ୍କ ମୂଳ ବିଭାଗ, ଯଥା, ରାଜସ୍ୱ ଏବଂ ଅବକାରୀ ବିଭାଗକୁ ଫେରାଇ ନିଆଯାଉ କିନ୍ତୁ ସେହି ଅନୁରୋଧକୁ ମଧ୍ୟ ନାମଞ୍ଜୁର କରାଯାଇଥିଲା ଏବଂ ଏହି ପରିସ୍ଥିତିରେ ଶ୍ରମ ବିଭାଗର ବରିଷ୍ଠ ସମୀକ୍ଷକ ସଂବର୍ଗରେ ତାଙ୍କର ବରିଷ୍ଠତା ନିର୍ଣ୍ଣୟ କରିବା ଉଦ୍ଦେଶ୍ୟରେ ରାଜସ୍ୱ ବିଭାଗରେ ଜଣେ ବରିଷ୍ଠ ସମୀକ୍ଷକ

ଭାବରେ ତାଙ୍କର ପୂର୍ବ ସେବାକୁ ଅଣଦେଖା କରିବାର କୌଣସି ଯଥାର୍ଥତା ନାହିଁ । ଆବେଦନକାରୀଙ୍କ ତରଫରୁ ହାଜର ହୋଇଥିବା ଶ୍ରୀମାନ ଓକିଲଙ୍କ ଉପରୋକ୍ତ ଯୁକ୍ତିରେ ଆମ୍ଭେ ଦମ୍ଭ ପାଉଛୁ । 28.10.1966 ରେ ରାଜସ୍ୱ ବୋର୍ଡ ସଦସ୍ୟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ମନୋନୀତ ହେବା ପରେ ଆବେଦନକାରୀଙ୍କୁ ଜଣେ ବରିଷ୍ଠ ସମୀକ୍ଷକ ଭାବେ ନିଯୁକ୍ତ କରାଯାଇଥିବା ନେଇ କୌଣସି ବିବାଦ ନାହିଁ । ଏହା ମଧ୍ୟ ବିବାଦୀୟ ନୁହେଁ ଯେ ସମସ୍ତ ସରକାରୀ ବିଭାଗକୁ ଅଧିଯାଚନା କରାଯିବାପରେ ଏବଂ ରାଜସ୍ୱ ବିଭାଗ ଦ୍ୱାରା ତାଙ୍କ ନାମ ପ୍ରାୟୋଜିତ ହେବା ପରେ ହିଁ ତାଙ୍କର ସେବାକୁ ଶ୍ରମ ବିଭାଗକୁ ଅଣାଯାଇଥିଲା । ଏଥିରେ କୌଣସି ସନ୍ଦେହ ନାହିଁ ଯେ ଶ୍ରମ ବିଭାଗ ସୂଚାଇ ଦେଇଥିଲା ଯେ ଶ୍ରମ ବିଭାଗରେ ଯୋଗଦେବା ତାରିଖ ଆଧାରରେ ବରିଷ୍ଠତା ନିର୍ଦ୍ଧାରଣ କରାଯିବ, କିନ୍ତୁ ଆବେଦନକାରୀ କୌଣସି ସମୟରେ ଉକ୍ତ ସର୍ତ୍ତରେ ରାଜି ହୋଇନଥିଲେ ଏବଂ ଅନ୍ୟ ପକ୍ଷରେ, ତା 6.11.1970 ରିଖ ଚିଠି ମାଧ୍ୟମରେ ଶ୍ରମ ବିଭାଗକୁ ଆସିବାକୁ ସେ ଅନିଚ୍ଛା ପ୍ରକାଶ କରିଥିଲେ ଏବଂ ଏହାକୁ ବିଚାର ନକରି ରାଜସ୍ୱ ବିଭାଗ ତାଙ୍କୁ ଭାରମୁକ୍ତ କରି ଶ୍ରମ ବିଭାଗରେ ଯୋଗଦେବାକୁ ଲୋଡ଼ିଥିଲା । ଉପରୋକ୍ତ ତର୍କ ପରିସରରେ ଆମ୍ଭେ ରାଜସ୍ୱ ବିଭାଗ ଅଧୀନରେ ଜଣେ ବରିଷ୍ଠ ସମୀକ୍ଷକ ଭାବରେ ଆବେଦନକାରୀଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ସେବାକୁ ଅଣଦେଖା କରିବାରେ କୌଣସି ଯଥାର୍ଥତା ଦେଖୁନାହୁଁ । ଆମ୍ଭର ବିଚାରୋଚିତ ମତାନୁସରେ ବରିଷ୍ଠ ସମୀକ୍ଷକ ସଂବର୍ଗରେ ଆବେଦନକାରୀଙ୍କ ବରିଷ୍ଠତା ନିର୍ଣ୍ଣୟ ଯେଉଁ ଦିନଠାରୁ ସେବା ଗ୍ରହଣ କରି ସେ ଶ୍ରମ ବିଭାଗରେ ଯୋଗ ଦେଇଥିଲେ କରାଯିବ ବୋଲି ନିର୍ଦ୍ଦେଶ ଦେଇ ନ୍ୟାୟାଧିକରଣ ଏକ ତ୍ରୁଟି କରିଛନ୍ତି । ଆମ୍ଭର ବିଚାରୋଚିତ ମତାନୁସାରେ ଶ୍ରମ ବିଭାଗର ବରିଷ୍ଠ ସମୀକ୍ଷକ ସଂବର୍ଗରେ ତାଙ୍କର ବରିଷ୍ଠତା ନିର୍ଦ୍ଧାରଣ କରିବା ପାଇଁ 28.10.1966 ରୁ ଜଣେ ବରିଷ୍ଠ ସମୀକ୍ଷକ ଭାବରେ ଆବେଦନକାରୀଙ୍କ ସେବାକୁ ଧ୍ୟାନରେ ରଖାଯିବ । ଆବେଦନକାରୀ, ପୂର୍ବରୁ ସେବାରୁ ଅବସର ନେଇସାରିଛନ୍ତି ବୋଲି ଆମ୍ଭଙ୍କୁ ସୂଚନା ଦିଆଯାଇଛି । ତେଣୁ ଆମ୍ଭେ ନିର୍ଦ୍ଦେଶ ଦେଉଛୁ ଯେ ଶ୍ରମ ବିଭାଗ ବରିଷ୍ଠ ସମୀକ୍ଷକ ସଂବର୍ଗରେ ଆବେଦନକାରୀଙ୍କ ବରିଷ୍ଠତାକୁ 28.10.1966 ରୁ ତାଙ୍କ ସେବାକୁ ଧ୍ୟାନରେ ରଖି ନିର୍ଦ୍ଧାରଣ କରିବ ଏବଂ ଏପରି ନିର୍ଣ୍ଣୟ ଉପରେ ଯଦି ସେ ଏକ ପୂର୍ବ ସମୟରେ କୌଣସି ପଦକୁ ପଦୋନ୍ନତି ପାଇଁ ବିଚାର କରିବାକୁ ହକଦାର ହେବେ ଯାହା ବିଧିବଦ୍ଧ ଭାବରେ ବିଚାର କରାଯାଇପାରେ ଏବଂ ତା'ପରେ ଯଦି ସେ ଯୋଗ୍ୟ ଅଟନ୍ତି ବୋଲି ଜଣାପଡ଼େ ତେବେ ଭାବନାତ୍ମକ ପଦୋନ୍ନତି ଦିଆଯାଇପାରେ ଏବଂ ଶେଷରେ ସେହି ଆଧାରରେ ତାଙ୍କର ଅବସରକାଳୀନ ଉପଲବ୍ଧିଗୁଡ଼ିକର ପୁନଃ ହିସାବ କରାଯିବ । ଏହି ଆଦେଶ ପ୍ରାପ୍ତିର ଛଅ ମାସ ଅବଧି ମଧ୍ୟରେ ଏହା କରାଯିବ ।

ତଦନୁସାରେ ଆବେଦନକୁ ଅନୁମତି ଦିଆଯାଇଛି । କିନ୍ତୁ ଏହି ପରିସ୍ଥିତିରେ ଖର୍ଚ୍ଚ ବାବଦକୁ କୌଣସି ଆଦେଶ ରହିବ ନାହିଁ ।

ଭି.ଏସ.ଏସ. ଆବେଦନକୁ ଅନୁମତି ଦିଆଯାଇଛି ।

## ଅସ୍ୱୀକରଣ

"ଉପଭାଷାରେ ଅନୁବାଦିତ ରାୟ କେବଳ ମୋକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଅନୁବାଦିକା : ଶ୍ରୀମତୀ ଜୟା ମୁଖାର୍ଜୀ,**

**ଓଡିଶା ଉଚ୍ଚ ନ୍ୟାୟାଳୟ, କଟକ**